# କୃଷକ ସଚେତନତା ରଥର ଶୁଭାରମ୍ଭ

ଢେଙ୍କାନାଳ ଜିଲ୍ଲାରେ ୨୦୧୮-୧୯ ଖରିଫ ବର୍ଷ ପାଇଁ ସରକାରଙ୍କ ଦ୍ୱାରା ଧାନକ୍ରୟ କରିବା ନିମନ୍ତେ ଚାଷୀ ପଞ୍ଜୀକରଣ କାର୍ଯ୍ୟକ୍ରମ ତା.୧୫.୦୭.୨୦୧୮ ରିଖ ଠାରୁ ଆରମ୍ଭ ହୋଇଅଛି । ଉକ୍ତ ପଞ୍ଜୀକରଣ କାର୍ଯ୍ୟକ୍ରମ ତା.୧୫.୦୯.୨୦୧୮ ରିଖ ପର୍ଯ୍ୟନ୍ତ ଚାଲୁ ରହିବ । ନବୀକରଣ ଓ ନୂତନ ପଞ୍ଜୀକରଣ କରିବା ନିମନ୍ତେ ଚାଷୀଭାଇମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ନୀୟନ୍ତ୍ରିତ ବଜାର କମିଟିମାନଙ୍କ ଦ୍ୱାରା କୃଷକ ସଚେତନ ରଥ ମାଧ୍ୟମରେ ପ୍ରଚାର କାର୍ଯ୍ୟ ଆରମ୍ଭ ହୋଇଅଛି । ଅଦ୍ୟ ତା.୩୧.୦୭.୨୦୧୮ ରିଖ ପୂର୍ବାହ୍ନ ୧୦ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ପ୍ରାଙ୍ଗଣରେ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଖିଲ୍ ପଭ୍ନ୍ କଲ୍ୟାଣ ଉକ୍ତ କୃଷକ ସଚେତନ ରଥକୁ ଶୁଭାରମ୍ଭ କରିଛନ୍ତି । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ, ଢେଙ୍କାନାଳ, ଢେଙ୍କାନାଳ ସମବାୟ ସମିତି ସମୂହର ଉପନିବନ୍ଧକ, ସହକାରୀ ଯୋଗାଣ ଅଧିକାରୀ (ପ୍ରୋକିଓରମେନ୍ଟ), ସହକାରୀ ଯୋଗାଣ ଅଧିକାରୀ, ସଦର, ଢେଙ୍କାନାଳ ନୀୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ଏବଂ ସମବାୟ ବିଭାଗର ଅନ୍ୟାନ୍ୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଅଧିକରୁ ଅଧିକ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଭାଗଚାଷୀମାନେ କିଭଳି ପ୍ରାଥମିକ ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରି ସେମାନଙ୍କର ବଳକା ଧାନ ସରକାରଙ୍କୁ ବିକ୍ରୟ କରିପାରିବେ, ତାହା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ସେହିପରି ଗତକାଲି କାମାକ୍ଷାନଗର ଉପଖଣ୍ଡର କୃଷକ ସଚେତନ ରଥକୁ ଉପଜିଲ୍ଲାପାଳ, କାମାକ୍ଷାନଗର ଶୁଭାରମ୍ଭ କରିଥିଲେ ।